# ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପତ୍ର ସଂଖ୍ୟା ୨୧୬୪ — ତାରିଖ : ୨୪.୦୬.୨୦୨୦

## ଟେଣ୍ଡର ନୋଟିସ

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଅଧିନସ୍ଥ ନିମ୍ନଲିଖିତ ସୈରାତ ତା. ୧୫.୦୭.୨୦୨୦ ରିଖ ଠାରୁ ତା. ୩୧.୦୩.୨୦୨୧ ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ନିମନ୍ତେ ନିମ୍ନସ୍ୱାକ୍ଷରକାରୀ ନିର୍ଦ୍ଦିଷ୍ଟ ଫର୍ମରେ ଜଉମୁଦ ଟେଣ୍ଡର ଆହ୍ୱାନ କରୁଛନ୍ତି । ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣ ଫେରସ୍ତ) ପରିଷଦର କ୍ୟାସିୟରଙ୍କ ନିକଟରେ ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ ପଇଠ ଦେଇ ତା. ୨୫.୦୬.୨୦୨୦ ରିଖ ଠାରୁ ତା. ୦୭.୦୭.୨୦୨୦ ରିଖ ଅପରାହ୍ନ ଘ.୫.୩୦ମି. ସମୟ ମଧ୍ୟରେ କ୍ରୟ କରି ତା. ୧୦.୦୭.୨୦୨୦ ରିଖ ଅପରାହ୍ନ ଘ. ୫.୦୦ଟିକା ମଧ୍ୟରେ ରେଜିଷ୍ଟ୍ରି ଡାକ / ସ୍ପିଡ୍ ପୋଷ୍ଟ ଦ୍ୱାରା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନାହିଁ । ତା. ୧୧.୦୭.୨୦୨୦ ରିଖ ଅପରାହ୍ନ ଘ.୩.୩୦ ମି. ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ କାଗଜଗୁଡ଼ିକୁ ଖୋଲାଯିବ । ଯେଉଁମାନେ ଟେଣ୍ଡରକୁ ଠିକ୍ ଭାବରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଅନୁସାରେ ଦାଖଲ କରିନଥିବେ ତାଙ୍କର ଟେଣ୍ଡରଟି ନାକଚ କରାଯିବ । ଟେଣ୍ଡର ପକାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନରେ ଲେଖାଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ / ବ୍ୟାଙ୍କରସ୍ ଚେକ୍ କରି ଟେଣ୍ଡର ଫର୍ମ ସହ ଦାଖଲ କରିବେ ଅନ୍ୟଥା ଟେଣ୍ଡରଟିକୁ ନାକଚ କରାଯିବ । ଲଫାପା ଉପରେ ସୈରାତର ନାମ ଉଲ୍ଲେଖ କରିବେ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତା. ୨୫.୦୬.୨୦୨୦ ରିଖ ତା. ୦୭.୦୭.୨୦୨୦ ରିଖ କାର୍ଯ୍ୟ ଦିବସ ଗୁଡ଼ିକରେ ପ୍ରାପ୍ତ କରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ାଙ୍କ ୱେବସାଇଟ – www.nuapada.nic.in ରୁ ଦେଖି ପାରିବେ । କୋରିୟର ଦ୍ୱାରା କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

କର୍ତ୍ତୃପକ୍ଷ ସର୍ବୋଚ୍ଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି । ଏହା ଛଡ଼ା କର୍ତ୍ତୃପକ୍ଷ ଚାହିଲେ କୌଣସି କାରଣ ନଦର୍ଶାଇ ଟେଣ୍ଡରକୁ ରଦ୍ଦ/ନାକଚ କରିପାରିବେ ।

| କ୍ର. ନଂ. | ସୈରାତର ନାମ | ଅପସେଟ ମୂଲ୍ୟ | ଅମାନତ ମୂଲ୍ୟ | ସଲଭେନସି ସାର୍ଟିଫିକେଟ (ତହସିଲଦାର / ଉପ-ଜିଲ୍ଲାପାଳ) କିମ୍ବା ବ୍ୟାଙ୍କ ଗ୍ୟାରେଣ୍ଟି | ଟେଣ୍ଡର ପେପର ମୂଲ୍ୟ |
|---|---|---|---|---|---|
| ୧. | ସାପ୍ତାହିକ ହାଟ | ଟ. ୧,୪୯,୬୦୦/- | ଟ. ୩୭,୪୦୦/- | ଟ. ୫୦,୦୦୦/- | ଟ. ୧୪୯୬/- |

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୧୬୫ / ତା. ୨୪.୦୬.୨୦୨୦

ଏହାର ଏକକିତା ନକଲ ଜିଲ୍ଲାପାଳ, ନୂଆପଡ଼ା / ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର.ଡି.ଏ. ନୂଆପଡ଼ା /ଉପ-ଜିଲ୍ଲାପାଳ, ନୂଆପଡ଼ା / ତହସିଲଦାର, ନୂଆପଡ଼ା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନୂଆପଡ଼ା / ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ନୂଆପଡ଼ା / ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ନୂଆପଡ଼ା / ଜେନେରାଲ ମେନେଜର, ଜିଲ୍ଲା ଶିଳ୍ପ କେନ୍ଦ୍ର, ଖରିଆର ରୋଡ଼ / ସହକାରୀ ଯନ୍ତ୍ରୀ, ଜନ ସ୍ୱାସ୍ଥ୍ୟ ବିଭାଗ, ଖରିଆର ରୋଡ଼ ଙ୍କ ନିକଟକୁ ପଠାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ବିଜ୍ଞାପନ ଫଳକରେ ଝୁଲାଇବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟଳୟର ବିଜ୍ଞାପନ ଫଳକରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

(ଅ.ପୂ.ବେ)

Scanned with CamScanner

ପରିପତ୍ର ସଂ. ୨୧୫୭ / ତା. ୨୪.୦୫.୨୦୨୦

ଏହାର ଏକକିତା ନକଲ ବିଜ୍ଞାପନ ମ୍ୟାନେଜର, ଓଡ଼ିଶା ଭାସ୍କର / ପ୍ରମେୟ ଙ୍କ ନିକଟକୁ ପ୍ରେରଣ କରାଯାଇ ଏକ ଦିନ ନିମନ୍ତେ (୮ସେ.ମି. X ୮ସେ.ମି.) ସ୍ଥାନ ବ୍ୟବହାର କରି [Rule 9 (C) Appendix – IX OPWD Code Volume – II] ପ୍ରକାଶନ କରିବା ପାଇଁ ଅନୁରୋଧ କରାଗଲା ।

୨୪/୫/୨୦୨୦

କାର୍ଯ୍ୟ ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ପରିପତ୍ର ସଂ. ୨୧୫୮ / ତା. ୨୪.୦୫.୨୦୨୦

ଏହାର ଏକକିତା ନକଲ ଜିଲ୍ଲା ଇନଫରମେଟିକ୍ସ ଅଫିସର, ନୂଆପଡ଼ା ଙ୍କ ନିକଟକୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଏହାକୁ ଜିଲ୍ଲା ପୋର୍ଟାଲ (www.nuapada.nic.in) ରେ ଦର୍ଶାଇବେ ।

୨୪/୫/୨୦୨୦

କାର୍ଯ୍ୟ ନିର୍ବାହୀ ଅଧିକାରୀ

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

Scanned with CamScanner

# ଟେଣ୍ଡର ସର୍ତ୍ତାବଳୀ

୧) ନିର୍ଦ୍ଧାରିତ ତାରିଖ କିମ୍ବା ସମୟ ପରେ ଅସିଥିବା କୌଣସି ଟେଣ୍ଡର ଗ୍ରହଣୀୟ ନୁହେଁ ।

୨) ଟେଣ୍ଡରଦାତାଙ୍କ ନାମରେ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ର କୌଣସି ବକେୟା ପ୍ରାପ୍ତ ଥିଲେ ଟେଣ୍ଡରଟି ଅଗ୍ରାହ୍ୟ ହେବ ଓ ଜମା କରିଥିବା ଟଙ୍କାକୁ ବାଜ୍ୟାପ୍ତ କରାଯିବ ।

୩) ଟେଣ୍ଡରଦାତା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼ ର ବାସିନ୍ଦା ହେଇଥିବେ । ଟେଣ୍ଡର ସହିତ ଏହାର ପ୍ରମାଣ ପତ୍ର ଦାଖଲ କରିବେ ।

୪) ବିଭିନ୍ନ କାରଣ ଦର୍ଶାଇ ତା. ୧୫.୦୭.୨୦୨୦ ଠାରୁ ୩୧.୦୩.୨୦୨୧ ସମୟ ମଧ୍ୟରେ ଟେଣ୍ଡରର ମୂଲ୍ୟ ହ୍ରାସ କରିବା ପାଇଁ କୌଣସି ପ୍ରକାରର ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ।

୫) ଯେଉଁ ବ୍ୟକ୍ତି ଟେଣ୍ଡର ଦାଖଲ କରିବେ ଲଫାପା ଉପରେ ସୈରାତର ନାମ ଉଲ୍ଲେଖ କରିବେ ।

୬) ଗୃହୀତ ଟେଣ୍ଡର ବାବଦ ସମସ୍ତ ଟଙ୍କା ନିମ୍ନସ୍ୱାକ୍ଷରକାରୀଙ୍କ ନିର୍ଦ୍ଦେଶ ପ୍ରକାରେ ଦାଖଲ କରିବେ ଓ ଏ ସମ୍ବନ୍ଧୀୟ ଚୁକ୍ତିପତ୍ର ସଂପାଦନ କରିବେ ଅନ୍ୟଥା ଟେଣ୍ଡରଟି ନାକଚ କରାଯାଇ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ ।

୭) ସୈରାତରୁ ଆଦାୟ ଫି ଦର ସମ୍ପର୍କରେ କାର୍ଯ୍ୟାଳୟରୁ ବୁଝିପାରିବେ ।

୮) ଟେଣ୍ଡର ଫର୍ମ ସହିତ ଟେଣ୍ଡରଦାତା ନିଜର ଭୋଟ ପରିଚୟ ପତ୍ର / ଆଧାର କାର୍ଡର ନକଲ ଦାଖଲ କରିବେ ।

୯) ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତି ବିଶେଷ କୌଣସି ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ଟେଣ୍ଡର ସମ୍ବନ୍ଧୀୟ କୌଣସି ସର୍ତ୍ତାବଳୀ ଉପରେ ଅଣ୍ଡର ଟେକିଙ୍ଗ ଦେଇଥିଲେ, ତାହା ଗ୍ରହଣ କରାଯିବ ନାହିଁ ଓ ସଂପୃକ୍ତ ଟେଣ୍ଡରକୁ ନାଚକ କରାଯିବ ।

୧୦) ଟେଣ୍ଡର ସିଡୁଲ ଓ ଅନ୍ୟାନ୍ୟ ସମସ୍ତ କାଗଜ ପତ୍ର ଗୋଟିଏ ଲଫାପାରେ ଜଉମୁଦ ଦେଇ ରେଜିଷ୍ଟ୍ରି ଡ଼ାକ / ସ୍ପିଡ଼ ପୋଷ୍ଟରେ ପଠାଇବେ ଅନ୍ୟଥା ଟେଣ୍ଡର କାଗଜ ଖୋଲା ନଯାଇ ରଦ୍ଦ କରାଯିବ ।

୧୧) ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କ ମଧ୍ୟରୁ ସର୍ବୋଚ୍ଚ ମୂଲ୍ୟ ଡାକକୁ ଗ୍ରହଣ କରାଯିବ ।

୧୨) ଟେଣ୍ଡରଦାତାମାନେ ଟେଣ୍ଡର ପକାଇବା ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଆପତ୍ତି ବିହୀନ ପ୍ରମାଣ ପତ୍ର ନେଇ ଟେଣ୍ଡର ସହିତ ପକାଇବେ ଅନ୍ୟଥା ଟେଣ୍ଡରକୁ ନାକଚ କରାଯିବ ।

୧୩) ଟେଣ୍ଡର ଗୃହୀତ ହେଲା ପରେ ଟେଣ୍ଡରଦାତା ଯେଉଁ ଲୋକମାନଙ୍କ ଦ୍ୱାରା ସୈରାତରୁ ମହାସୁଲ ଆଦାୟ କରିବେ, ସେମାନଙ୍କ ଠିକଣା ଓ ୨ ଗୋଟି ପାସପୋଟ ରଙ୍ଗିନ ଫଟୋ ଆଦେଶ ପାଇବାର ୩ ଦିନ ମଧ୍ୟରେ ଦାଖଲ କରିବେ । ତହିଁରୁ ଗୋଟିଏ ଫଟୋ ଅନୁମତି ପତ୍ର ସହ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଥାଇ ମହାସୁଲ ଆଦାୟ କରୁଥିବା ବ୍ୟକ୍ତି ନିଜ ପାଖରେ ରଖିବେ । କୌଣସି ପୋଲିସ କର୍ମଚାରୀ କିମ୍ବା ପରିଷଦର ପରିଦର୍ଶକ ଅସୁଲକାରୀଙ୍କ ପରିଚୟ ପତ୍ର ଦେଖାଇବା ପାଇଁ ଚାହିଁଲେ ସେ ତାଙ୍କର ପରିଚୟ ପତ୍ର ଦେଖାଇବେ । ଏହା ଦର୍ଶାଇ ନପାରିଲେ, ଆଇନ ଅନୁଯାୟୀ ସଂପୃକ୍ତ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେଥିପାଇଁ ସେ ନିଜେ ଦାୟୀ ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ଼

ଉପରୋକ୍ତ ସମସ୍ତ ସର୍ତ୍ତାବଳୀକୁ ଗ୍ରହଣ କଲି ।

ଟେଣ୍ଡରଦାତାଙ୍କ ସଂପୂର୍ଣ୍ଣ ସ୍ୱାକ୍ଷର
ତାରିଖ -

Scanned with CamScanner